# ଭୁବନେଶ୍ୱର ସିଟି



**ଜାତୀୟ ଉଠାଦୋକାନୀ ଦିବସ ପାଳିତ**

# ଥଇଥାନ ହେବେ ସମସ୍ତ ଉଠାଦୋକାନୀ



**ଭୁବନେଶ୍ୱର, ୨୦।୧(ସମିସ):**

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ଜାତୀୟ ଉଠାଦୋକାନୀ ମହାସଂଘର ମିଳିତ ଉଦ୍ୟମରେ ଶନିବାର ଜାତୀୟ ଉଠାଦୋକାନୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ହଜାର ହଜାର ଉଠାଦୋକାନୀ ରାଜମହଲ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ଦେଇ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଫଳ ଭେଣ୍ଡିଂଜୋନ ନିକଟରେ ପହଞ୍ଚି ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ସାମିଲ ହୋଇଥିଲେ।

ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜାତୀୟ ଉଠାଦୋକାନୀ ଦିବସରେ ଉଦ୍‌ଘାଟକ ଭାବେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ଓଡ଼ିଶାର ସହର ଗୁଡ଼ିକରେ ଥିବା ଉଠାଦୋକାନକୁ ଆଉ ଉଚ୍ଛେଦ କରାଯିବ ନାହିଁ। ଯଦି କୌଣସି କାରଣରୁ ଉଚ୍ଛେଦ କରାଯାଏ, ତେବେ ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ ଯେ, ଉଠାଦୋକାନୀଙ୍କର ସମସ୍ତ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି ଏବଂ ଏବେ ଭୁବନେଶ୍ୱରର ବହୁ ୱାର୍ଡ଼ରେ ଭେଣ୍ଡିଂଜୋନ ଗଠନ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂ ଯୋଗଦେଇ କହିଲେ ଯେ, ଉଠାଦୋକାନୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ। ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀ ସାରା ଓଡ଼ିଶାରେ ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ କରିବେ ଏବଂ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବେ ବୋଲି ମତବ୍ୟକ୍ତ କରିଥିଲେ। ମହାସଂଘର ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିବା ବେଳେ ତାଙ୍କୁ ଉଠାଦୋକାନୀମାନେ ସ୍ୱାଗତ କରିଥିଲେ। ସେ ମେୟର ଥିବା ସମୟରେ ଭୁବନେଶ୍ୱରରେ ୬୦ରୁ ଅଧିକ ଭେଣ୍ଡିଂଜୋନ ଗଠନ କରି ହଜାର ହଜାର ଦୋକାନୀମାନଙ୍କୁ ଥଇଥାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ବ୍ୟବସାୟୀମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ସମାଜସେବୀ କବିରାଜ ସ୍ୱାଇଁଙ୍କ ସମେତ ୩୦ରୁ ଅଧିକ କର୍ପୋରେଟର୍ ଯୋଗଦେଇ ସେମାନେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମଟିକୁ ଲଲାଟ କୁମାର ଓଝା, ନିରଞ୍ଜନ ପାଣ୍ଡେ, ଶୁଭଲକ୍ଷ୍ମୀ ମହାନ୍ତି, ସୂର୍ଯ୍ୟମଣି ସାହୁ, ବିପିନ ଜେନା, ସସ୍ମିତା ସାହୁ, ପ୍ରଦୀପ କୁମାର ସାହୁଙ୍କ ସମେତ ୧୫୦କମକର୍ତ୍ତା, ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ। ପରିଶେଷରେ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଉଠାଦୋକାନୀ ଦିବସ

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ଠାରେ ଜାତୀୟ ଉଠା ଦୋକାନୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୨୦୦୦ ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଉପସ୍ଥିତ ଥିଲେ। ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଅରୂପ ପଟ୍ଟନାୟକ, ରୁଦ୍ର ନାରାୟଣ ସାମନ୍ତରାୟ, ମଞ୍ଜୁଲତା କହଁର, ଡି ଭି ରମଣା, ସର୍ମିଳା ପଟ୍ଟନାୟକ, ସୁବାସ ପୁଷ୍ପାଳକ ଓ ଅଜିତ ବେହେରା ପ୍ରଭୃତି ଯୋଗ ଦେଇ ସଂଘର ବାର୍ଷିକ ପତ୍ରିକା 'ବଞ୍ଚିବାର ଆଶା'କୁ ଉନ୍ମୋଚନ କରିଥିଲେ। ଏହାଛଡ଼ା ସଂଘର ସଦସ୍ୟ ମାନଙ୍କ ଦ୍ୱାରା ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଯାହା ୟୁନିଟ୍ ୯ ସ୍ଥିତ ଡାଲେମା ହୋଟେଲରୁ ଆରମ୍ଭ ହୋଇଥିଲା। ମହାସଂଘ ସଭାପତି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ମହାପାତ୍ର ଓ ମନମୋହନ ପଣ୍ଡା ସମ୍ପୂର୍ଣ୍ଣ ଉତ୍ସବ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଡି ଭି ରମଣାଙ୍କ ତରଫରୁ ଉଠା ବ୍ୟବସାୟୀଙ୍କ ସନ୍ତାନ ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମହାସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ପ୍ରବିଣା ମହାପାତ୍ର, ଉପସଭାପତି ମାନସ କୁମାର ମିଶ୍ର, ଶିବ ସୁଆର, ଧୀରେନ୍ଦ୍ର କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ରାଜକିଶୋର ସାହୁ, ଦୀପାଞ୍ଜଳି ପାଣି ତଥା ସକ୍ରିୟ ସଦସ୍ୟ ନାରାୟଣ ସୁତାର, ଦୁର୍ଯ୍ୟୋଧନ ପାତ୍ର, ଉମାକାନ୍ତ ରାଉତ, କାଳନ୍ଦୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ କରଥିଲେ।

**ରାଜଧାନୀ ପଥପ୍ରାନ୍ତେ**

## କେନ୍ଦୁଝର, ରାଉରକେଲାରୁ ଆମଦାନି; ରାଜଧାନୀରେ ବିକ୍ରି



**ଭୁବନେଶ୍ୱର, ୨୦।୧(ସମିସ):** ଶୀତଦିନ ଆସିଲେ ମନେପଡ଼େ ବରକୋଳି କଥା। ଛୋଟଙ୍କଠାରୁ ବଡ଼ ସମସ୍ତଙ୍କୁ ପସନ୍ଦ ଏହି ବରକୋଳି। ଏହି ଋତୁରେ ରାଜଧାନୀ ରାସ୍ତା କଡ଼ରେ ଦେଖିବାକୁ ମିଳୁଛି ବରକୋଳି ପସରା। ସିଆର୍‌ପି ଛକ, ଏକ ନମ୍ବର ହାଟ, ଏକାମ୍ର ହାଟ ରାସ୍ତା, ଜାଗମରା ଓ ରସୁଲଗଡ଼ ଯିବା ରାସ୍ତାରେ ଦେଖିବାକୁ ମିଳୁଛି ବରକୋଳିର ବହୁ ପସରା। ବ୍ୟବସାୟୀମାନେ ନିଜ ପସରା ଖୋଲି ବସିଛନ୍ତି ଗ୍ରାହକଙ୍କ ଅପେକ୍ଷାରେ। ରାସ୍ତାରେ ଯାଉଥିବା ଲୋକ ବି କିଛି କ୍ଷଣ ଅଟକି ଦାମ ବୁଝୁଛନ୍ତି ତ କିଏ କିଲେ, ଅଧକିଲେ କିଣି ନେଉଛନ୍ତି। ଏକାମ୍ରହାଟ ନିକଟରେ ନିଜ କୋଳିର ପସରା ଖୋଲିଥିବା ଦିଲ୍ଲୀପ କୁମାର ଧଳଙ୍କ କହିବା ଅନୁଯାୟୀ ଏହି କୋଳି ସବୁ କେନ୍ଦୁଝର ଓ ରାଉରକେଲାରୁ ଆସୁଛି। ସେଠାରେ ଭଲ ବରକୋଳି ଚାଷ ହୁଏ। କିଲୋ ୪୦ରୁ ୫୦ ଟଙ୍କାରେ କିଣା ହୋଇଥାଏ। ଡିସେମ୍ବର ଆଡ଼କୁ କେନ୍ଦୁଝରରୁ କୋଳି ଆମଦାନୀ ହୁଏ। ହେଲେ ରାଉରକେଲାରୁ ଆସୁଥିବା କୋଳି ଟିକେ ବିଳମ୍ବରେ ବାହରେ। ଜାନୁଆରୀ ଶେଷ ସୁଦ୍ଧା ଏହା ବଜାରକୁ ଆସେ। କେଉଁଝର କୋଳି ଅପେକ୍ଷା ରାଉରକେଲାର କୋଳି ଅପେକ୍ଷାକୃତ ବେଶୀ ମିଠା ହୋଇଥିବାରୁ ତା'ର ଚାହିଦା ବଜାରରେ ବେଶୀ ରହିଥାଏ। ହେଲେ କେନ୍ଦୁଝରରୁ ଯେଉଁ କୋଳି ଆସୁଛି ଟିକେ ଖଟା ଲାଗୁଥିବାରୁ ତା'ର ବିକ୍ରି ଟିକେ କମ୍ ହୁଏ। ହେଲେ ଏହି କୋଳି ଶୀଘ୍ର ବଜାରକୁ ଆସିଯାଏ। ସେଥିପାଇଁ ରାଜଧାନୀରେ ଏହି ସମୟରେ ଯେଉଁ କୋଳି ମିଳେ ତାହା କେନ୍ଦୁଝରରୁ ହିଁ ଆସିଥାଏ। ବଜାରକୁ ରାଉରକେଲା କୋଳି ଆସିବା ପରେ କେନ୍ଦୁଝରରୁ ଯେଉଁ କୋଳି ଆସୁଛି ତା'ର ବିକ୍ରି କମିଯାଏ। ଏହି କୋଳି ଦେଢ଼ କିଲୋ ପିଛା ୧୦୦ ଟଙ୍କାରେ ବର୍ତ୍ତମାନ ବଜାରରେ ବିକ୍ରି ହେଉଛି। ଏଥିରେ ଦିନକୁ ତାଙ୍କର ୪ ହଜାର ଟଙ୍କା ଲାଭ ହେଉଛି ବୋଲି ଦିଲ୍ଲୀପ କୁହନ୍ତି।

### ଫୁଲବାଣୀରୁ ଆସୁଛି ଚାମିନି

ବଜାରରେ ବର କୋଳିର ଚାହିଦା ଯେତିକି ରହିଛି ଏବେ ଚାମିନି କୋଳିର ମଧ୍ୟ ଚାହିଦା ସେତିକି ଦେଖିବାକୁ ମିଳୁଛି। ଏହି ଚାମିନି କୋଳି ଫୁଲବାଣୀ, କନ୍ଧମାଳରୁ ଆସୁଛି। କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହି ଚାମିନି କୋଳି ବେପାରରେ ଦିନକୁ ପାଖାପାଖି ୨ରୁ ୩ ହଜାର ପର୍ଯ୍ୟନ୍ତ ଲାଭ ମିଳୁଛି ବୋଲି ବ୍ୟବସାୟୀ ପକ୍ରାଶ କରିଛନ୍ତି।

## ପ୍ରଶାନ୍ତ ନନ୍ଦଙ୍କୁ ମିଳିଲା ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ



**ଭୁବନେଶ୍ୱର, ୨୦।୧(ସମିସ):** ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୪୯ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ଅବସରରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ତଥା ସାଂସଦ ପ୍ରଶାନ୍ତ ନନ୍ଦଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧି ତଥା କ୍ରମବିକାଶରେ ଯୋଗଦାନ ସହ ଭାରତୀୟ ଚଳଚ୍ଚିତ୍ର ଜଗତରେ ଷାଠିଏ ବର୍ଷର ଅବଦାନ ତଥା ଜୀବନ ବ୍ୟାପୀ ସାଧନା ପାଇଁ ସେ ସମ୍ମାନିତ ହୋଇଛନ୍ତି। ରାଜ୍ୟ ଅର୍ଥ ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଡଃ ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଭାଷାବିତ୍ ତଥା ସମାଜବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ। ସେ ପ୍ରକାଶ କରିଥିଲେ ଯେ, ଭାରତୀୟ ଚଳଚ୍ଚିତ୍ର ଧାରାକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ପ୍ରାମାଣିକ ଚଳଚ୍ଚିତ୍ରର ପରିଭାଷାକୁ ବଦଳାଇଦେଇଥିଲେ ପ୍ରମୋଦ ପତି।

ଏହି ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ (କୁନା) ତ୍ରିପାଠୀ ପ୍ରମୋଦ ପତିଙ୍କ କାଳଜୟୀ କୃତି ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରଶାସକ ମଧୁସୂଦନ ଦାସ, ଭାରତୀୟ ଫିଲ୍ମ ସେନ୍‌ସର ବୋର୍ଡର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର ଯୋଗ ଦେଇଥିଲେ। ଏହି ସଭାରେ ବହୁ ଚଳଚ୍ଚିତ୍ର, ସଂସ୍କୃତି ପ୍ରେମୀ ଉପସ୍ଥିତ ଥିବାବେଳେ, ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି। ଭାରତୀୟ ଦର୍ଶକଙ୍କୁ ବିଭିନ୍ନ ଢଙ୍ଗର ସଂଖ୍ୟାଧିକ ଓଡ଼ିଆ, ହିନ୍ଦି ତଥା ବଙ୍ଗଳା ଚଳଚ୍ଚିତ୍ର ଭେଟି ଦେଇ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ସହ ଭାବେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିଥିବା ଶ୍ରୀ ପ୍ରଶାନ୍ତ ନନ୍ଦ ନିଜର ବୃତ୍ତିଗତ ଜୀବନର ଅଭିଜ୍ଞତାକୁ ବର୍ଣ୍ଣନା କରବା ସହ ପ୍ରମୋଦ ପତିଙ୍କ ଅନନ୍ୟ ସୃଜନ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପ୍ରମୋଦ ପତି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ, ସମ୍ପାଦକ ଗୋଲକ ବିହାରୀ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଭିଷେକ ମହାପାତ୍ର, ସୁନୀଲ ଡାକୁଆ ମଞ୍ଚ ସଞ୍ଚାଳନ କରିଥିବା ବେଳେ, ଏହି ସମ୍ମାନ ପ୍ରଦାନ ସମାରୋହକୁ ପରିଚାଳନା କରିଥିଲେ ଶୁଭେନ୍ଦୁ କୁମାର ରାଉତରାୟ ତଥା ଲଳିତ କୁମାର ସାହୁ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ।

**ଖୋର୍ଦ୍ଧା ପାଇଁ ଲାଇସେନ୍ସ; ଭୁବନେଶ୍ୱରରେ ବେପାର**

## ରାଜଧାନୀରେ 'କାର୍ ଖାନା' ବେପାର ମନା




**ଭୁବନେଶ୍ୱର, ୨୦।୧(ସମିସ):** ଶେଷରେ ସାମୟିକ ଭାବେ ବନ୍ଦକଲା ବହୁ ଚର୍ଚ୍ଚିତ କାର୍ ଖାନା। ଶନିବାର ଦିନତମାମ୍ କାର୍ ଖାନାର ମାଲିକ ଦୁଇ ଯାଆ କିମ୍ବା ଖାଦ୍ୟ ଆଣି ଆସୁଥିବା କାରକୁ ଆଇଜି ପାର୍କ ସାମ୍ନାରେ ଦେଖିବାକୁ ମିଳି ନ ଥିଲା। ବହୁ ଲୋକ ଖାଦ୍ୟ ନ ଖାଇ ଫେରିଯାଇଥିଲେ। ବନ୍ଦ କରିବା ପଛର କାରଣ ରହିଛି ଟ୍ରେଡ୍ ଲାଇସେନ୍ସକୁ ନେଇ ଦ୍ୱନ୍ଦ୍ୱ। ଏମାନେ ଖୋର୍ଦ୍ଧାରେ ବ୍ୟବସାୟ କରିବାକୁ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ସେଠାରୁ ଟ୍ରେଡ୍ ଲାଇସେନ୍ସ ପାଇ ଭୁବନେଶ୍ୱରରେ ବ୍ୟବସାୟ କରୁଥିଲେ। ଏହା ଜଣାପଡ଼ିବା ପରେ ବିଏମ୍‌ସି ଟିମ୍ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ୟବସାୟ କେଉଁ ଆଧାରରେ କରୁଛନ୍ତି ସେନେଇ ଟ୍ରେଡ୍ ଲାଇସେନ୍ସ ମାଗିଥିଲେ। ହେଲେ ଦୁଇ ଯାଆ ଖୋର୍ଦ୍ଧାରୁ ଜାରି କରାଯାଇଥିବା ଟ୍ରେଡ୍ ଲାଇସେନ୍ସ ଦେଖାଇଥିଲେ। ବିଏମ୍‌ସିର କୌଣସି ଟ୍ରେଡ୍ ଲାଇସେନ୍ସ ଦେଖାଇ ପାରି ନ ଥିଲେ। ବିଏମ୍‌ସି କର୍ମଚାରୀ କାର୍ ଖାନାକୁ ୨ ହଜାର ଟଙ୍କା ଜରିମାନ୍ ଦେବାକୁ କହିଥିଲେ। ଏହାକୁ ନେଇ ବିଏମ୍‌ସି କର୍ମଚାରୀ ଏବଂ କାର୍ ଖାନା ମାଲିକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଏମ୍‌ସିର ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ ନ କରିବାକୁ ବିଏମ୍‌ସି ପକ୍ଷରୁ ତାଗିଦ କରାଯାଇଥିଲା। ବିଏମ୍‌ସି କଥା ମାନି କାର୍ ଖାନାକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି।

ସୂଚନାଯୋଗ୍ୟ, ରାଜଧାନୀର ଆଇଜି ପାର୍କ ନିକଟରେ କାର୍ ଖାନା ନାମରେ ଦୁଇଜଣ ମହିଳା ନିଜ କାର୍‌ରେ ଘରର ରନ୍ଧା ଖାଇବା ଆଣି ଏଠାରେ ବିକ୍ରି କରୁଥିଲେ। ଖାଇବା ପାଇଁ ରାଜଧାନୀବାସୀଙ୍କ ଭିଡ଼ ଜମୁଥିଲା। 'କାର ଖାନା' କରିଥିବା ମହିଳା ନେହା ପାଣିଗ୍ରାହୀ କହିଛନ୍ତି, ମୁଁ ସେହି ଜାଗରେ ବ୍ୟବସାୟ କରିବାକୁ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରାଯାଇଛି। ଲାଇସେନ୍ସ ମିଳିବା ପରେ କାର୍ ଖାନା ପୁଣି ଖୋଲିବ ବୋଲି ସେ କହିଛନ୍ତି।

## ପେନ୍‌ସନ୍ ରାୟ ପରେ ବିଡିଏ କର୍ମଚାରୀଙ୍କ ଉତ୍ସାହ

**ଭୁବନେଶ୍ୱର, ୨୦।୧(ସମିସ):** ସିଡିଏ କର୍ମଚାରୀଙ୍କ ପେନସନ୍ ସପକ୍ଷରେ ହାଇକୋର୍ଟରେ ନ୍ୟାୟ ପ୍ରକାଶ ପାଇବା ପରେ ବିଡିଏ କର୍ମଚାରୀମାନେ ଏହାକୁ ନେଇ ଖୁସି ଜାହିର କରିଛନ୍ତି। କେବଳ ବିଡିଏ ନୁହେଁ ୮ଟି ପୌରାଞ୍ଚଳ କର୍ମଚାରୀ ଆଶାବାଦୀ ରହିଛନ୍ତି ଯେ, ପେନସନକୁ ନେଇ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ବିଡିଏ କର୍ମଚାରୀମାନେ ଦୀର୍ଘଦିନ ହେବ ଏଠାରେ କାର୍ଯ୍ୟରତ ଥିଲାବେଳେ ସେମାନଙ୍କ ପେନସନ୍ ଲାଗୁ ହୋଇନଥିଲା। ଏ ନେଇ କର୍ମଚାରୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ବିଡିଏ ଭିସି ବଲବନ୍ତ ସିଂଙ୍କ ସହ କିଛିଦିନ ତଳେ ଏ ସମ୍ପର୍କରେ ଆଲୋଚନା କରିଥିଲା। ଆଲୋଚନା ସାକାରାତ୍ମକ ଥିବା କର୍ମଚାରୀମାନେ କହିଛନ୍ତି। ଏହାସହ ଭିସିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଦାବି ମୁତାବକ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅନୁଯାୟୀ ବିଡିଏ କର୍ମଚାରୀ ମଧ୍ୟ ରାଜ୍ୟ ସହକାରଙ୍କ ଅନ୍ୟ କର୍ମଚାରୀ ଭଳି ପେନସନ୍ ପାଇବା ପାଇଁ ଯୋଗ୍ୟ। ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଓଡ଼ିଶା ସର୍ଭିସେସ୍ ପେନସନ୍ ରୁଲ୍‌ସ୍ ୧୯୯୨ରେ ପେନସନ୍ ପାଇବାକୁ ହକ୍‌ଦାର ଅଟନ୍ତି। ଏହାକୁ ହାଇକୋର୍ଟ ମଧ୍ୟ ସମର୍ଥନ ଜଣାଇଛନ୍ତି।

## ଖଣ୍ଡଗିରି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ



**ଭୁବନେଶ୍ୱର, ୨୦।୧(ସମିସ):** ଖଣ୍ଡଗିରିଅଞ୍ଚଳରୁ ବିଡିଏ ପକ୍ଷରୁ ଶନିବାର ବଡ଼ ଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି। ଭରତପୁର ଥାନା ଅଧୀନ ଖଣ୍ଡଗିରିରୁ ଚନ୍ଦକା ରାସ୍ତାରେ ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଜବରଦଖଲ କରାଯାଇଥିଲା। ଏଥିରେ ୯ ଆଜବେଷ୍ଟସ ଦୋକାନ, ପଲିଥିନ୍‌ରେ ନିର୍ମିତ ଫର୍ଣ୍ଣିଚରଦୋକାନ, ୭ କ୍ୟାବିନ୍, ୨୨ ବିଜ୍ଞାପନ ବୋର୍ଡ, ୧୩ ଟିଣ ଚାଳିଆ ଘର ଏବଂ ୧୫୦ ଫୁଟ୍‌ର ପଥର ପାଚେରିକୁ ମାଟିରେ ମିଶାଇ ଦିଆଯାଇଛି। ବିଡିଏ ସୂଚନା ମୁତାବକ, ଜବରଦଖଲରେ ଥିବା ଜମି ଆର୍‌ଆଣ୍ଡବି ଅଧୀନରେ ରହିଥିଲା। ଏହାକୁ ନିଜ କବଜ୍ଜାକୁ ନେବା ପାଇଁ ଆର୍‌ଆଣ୍ଡବି ପକ୍ଷରୁ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଅବଗତ କରାଯାଇଥିଲା। ସିଇଏମ୍‌ସି ଯୋଜନା ଅନୁଯାୟୀ ବିଡିଏ ଏନ୍‌ଫୋର୍ସମେଣ୍ଟ ଏହାକୁ ଉଚ୍ଛେଦ କରିଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

**ରପ୍ତାନି ଭବନ ଆଗରେ ବେଆଇନ ପାର୍କିଂ**

# ଗାଡ଼ି ଷ୍ଟାଣ୍ଡ ଭିତର ଫାଙ୍କା; ବାହାର ଜାମ୍

**ଭୁବନେଶ୍ୱର, ୨୦।୧(ସମିସ):**

'ରାସ୍ତାରେ ଗାଡ଼ି ରଖନ୍ତୁ ନାହିଁ, ଚାଲାଣ କଟିବ'। 'ବେଆଇନ ପାର୍କିଂରୁ ନିବୃତ୍ତ ରୁହନ୍ତୁ'। 'ପୂର୍ତ୍ତ ବିଭାଗର ଏହି ରାସ୍ତାରେ ଉଠା ଦୋକାନ କିମ୍ବା ବେଆଇନ ପାର୍କିଂ କରନ୍ତୁ ନାହିଁ। ଟ୍ରାଫିକ୍ ପୁଲିସ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଜନ ସଚେତନତା କରିବା ଉଦ୍ଦେଶ୍ୟରେ ଏଭଳି ସାଇନେଜ୍ ବୋର୍ଡ ଲଗାଯାଇଛି। ହେଲେ ପୁଲିସର ହୁଗୁଳାପଣ ଯୋଗୁଁ ଲୋକମାନେ ଏହି ନିୟମକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଖୋଦ୍ ରାଜଧାନୀର ପ୍ରମୁଖ ଅଞ୍ଚଳ

- ଦୁଇ କିଲୋମିଟରକୁ ଲାଗୁଛି ଅଧଘଣ୍ଟା
- ଫଳକ ଲଗାଇବାରେ ଟ୍ରାଫିକ୍ ପୁଲିସର ଦାୟିତ୍ୱ ଶେଷ





୧୬ନମ୍ବର ଜାତୀୟ ରାଜପଥ ନୂଆପଲ୍ଲୀ ଥାନା ପାଖରୁ ଇନ୍ଦ୍ରଧନୁ ମାର୍କେଟ୍ ଦେଇ ମଇଳା ଟାଙ୍କି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ ପ୍ରତିଦିନ ନିୟମ ଉଲ୍ଲଙ୍ଘନ କରୁଥିବାର ଚିତ୍ର ଦେଖିବାକୁ ମିଳୁଛି। ୨କିଲୋମିଟର ଏହି ରାସ୍ତାରେ ପ୍ରତିଦିନ ମାଳମାଳ ବେଆଇନ ପାର୍କିଂ ହେବା ସହ ଉଠା ଦୋକନୀମାନେ ରାସ୍ତାକୁ କବ୍‌ଜା କରି ରଖିଛନ୍ତି।

ସୂଚନା ଅନୁସାରେ, ଏହି ରାସ୍ତାର ପ୍ରବେଶ ପଥରେ ବାମ ପାର୍ଶ୍ୱରେ ଥିବା ସରକାରୀ କ୍ୱାର୍ଟର୍ସ ପାଚେରିକୁ ଲାଗି ପ୍ରତିଦିନ ଧାଡ଼ି ଧାଡ଼ି ହୋଇ କାର୍ ଗୁଡ଼ିକ ପାର୍କିଂ କରାଯାଉଛି। ସେହିଭଳି ରାସ୍ତାର ଆଉ ଟିକେ ଆଗକୁ ରାସ୍ତାକଡ଼କୁ ଫଳ ଦୋକାନୀ କବ୍‌ଜା କରି ରଖିଛନ୍ତି। ଇନ୍ଦ୍ରଧନୁ ମାର୍କେଟ୍‌ର ଅପରପାର୍ଶ୍ୱରେ ଥିବା ରପ୍ତାନୀ ଭବନ ସମ୍ମୁଖରେ ବାଇକ୍, କାର୍ ସବୁ ବେଆଇନ ଭାବେ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ରଖି ଲୋକମାନେ ମାର୍କେଟିଂ କରୁଛନ୍ତି। ଫଳରେ ଅଣଓସାରିଆ ଏହି ରାସ୍ତାର ସାମାନ୍ୟ ବାଇକ୍‌ଟିଏ ଗଲେ କାର୍ ଯିବା ପାଇଁ ଜାଗା ବଳୁନି। ଯାହା ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ରପ୍ତାନୀ ଭବନରେ ୪ଟି ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏହି ପ୍ରତିଷ୍ଠାନ ପାଇଁ ବେସମେଣ୍ଟରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ଲୋକମାନେ ରାସ୍ତାରେ ଗାଡ଼ି ରଖି ଜିନିଷ କିଣୁଛନ୍ତି। ଏନେଇ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉନାହିଁ। ଫଳରେ କିଛି ଲୋକ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଆଉ କିଛି ବେପରୁଆ ଲୋକ ଜାଣିଶୁଣି ପାର୍କିଂ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଦୀର୍ଘ ଦିନ ଧରି ଲାଗି ରହିଥିବା ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରୁଛନ୍ତି। ସେହିଭଳି ଏହି ରାସ୍ତାରେ ଆଗକୁ କିଛି ଫାଷ୍ଟଫୁଡ୍ ଷ୍ଟଲ୍ ରହିଛି। ସନ୍ଧ୍ୟା ହେଲେ ସେଠାରେ ଖଚାଖଚ୍ ଭିଡ଼ ହେଉଛି। ଅଧା ରାସ୍ତାରେ ଗାଡ଼ି ରଖିଦେଇ ଲୋକମାନେ ଖିଆପିଆ କରୁଛନ୍ତି। ଦୋକାନୀ ସଚେତନ କଲେ ମଧ୍ୟ ଲୋକମାନେ ଶୁଣୁନାହାନ୍ତି। ଏଭଳି କ୍ଷେତ୍ରରେ ସ୍ଥାନୀୟ ପୁଲିସ ମଧ୍ୟ ଏଥିପ୍ରତି ଆଖିବୁଜି ଦେଇଛି।

ବିଶେଷକରି ସନ୍ଧ୍ୟା ଓ ସକାଳ ସମୟରେ ଦୁଇ କିଲୋମିଟରର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ଏ ନେଇ ବ୍ୟବସାୟୀ ସୌମ୍ୟରଞ୍ଜନ ସାହୁ କହିଛନ୍ତି, ରାସ୍ତା ଉପରେ ଗାଡ଼ି ନ ରଖି ରାସ୍ତା ତଳକୁ ଗାଡ଼ି ରଖିବା ପାଇଁ ଲୋକମାନଙ୍କୁ ଯେତେ ସଚେତନ କଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଆମେ ପେଟ ପାଟଣା ପାଇଁ ରାସ୍ତା କଡ଼ରେ ଛିଡ଼ା ହେଉଛୁ। ଆମକୁ ଦୋଷ ଦେଲେ ଆମେ କ'ଣ କରିବୁ। ଏନେଇ ଟ୍ରାଫିକ୍ ଥାନା ପକ୍ଷରୁ ଲୋକଙ୍କ ସଚେତନ କରିବା ସହ ଜରିମାନା ଆଦାୟ କଲେ ଲୋକମାନେ ଏଭଳି ବେଆଇନ ପାର୍କିଂରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟ୍ରାଫିକ୍ ଥାନା ଆଇଆଇସି ଦୁର୍ଗା ଜେନା କହିଛନ୍ତି, ବେଆଇନ ପାର୍କିଂ ସମ୍ପର୍କରେ ଆମେ ଜାଣିନଥିଲୁ, ଏବେ ଚଢ଼ାଉ କରାଯାଇ ନିୟମ ଉଲଂଘନ କରୁଥିବା ଲୋକମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।



# ଭୁବନେଶ୍ୱର ସିଟି

## ଶେଷ ରାସ୍ତା ଆତ୍ମହତ୍ୟା ?

# ବର୍ଷକରେ ଜୀବନ ହାରିଲେଣି ୩୧୯



ଭୁବନେଶ୍ୱର, ୨୦।୧(ସମିସ):

ମାନସିକ ଅବସାଦ, ଯାବତୀୟ ସମସ୍ୟା ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ନ ପାରି କେତେକ ଆତ୍ମହତ୍ୟାକୁ ଶେଷ ରାସ୍ତା ଭାବେ ବାଛି ନିଅନ୍ତି। ତେବେ ନିକଟ ଅତୀତରେ ଲୋକଙ୍କ ମଧ୍ୟରେ ଯେପରି ଏହି ଆତ୍ମହତ୍ୟା ପ୍ରବଣତା ବଢ଼ୁଛି, ତାହା ସଭ୍ୟ ସମାଜ ପାଇଁ ଏକ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଛି। ମାନସିକ ଭାବେ ନିଜକୁ ଫିଟ୍ ରଖିବାକୁ ମଣିଷ ବ୍ୟାପକ ପ୍ରୟାସ କରୁଛି, ମାତ୍ର ଯେଉଁ ହାରରେ ଆତ୍ମହତ୍ୟା ସଂଖ୍ୟା ବଢ଼ୁଛି ତାହା ବର୍ତ୍ତମାନ ସାଧାରଣରେ ଖୁବ୍ ଚିନ୍ତାର ବିଷୟ ପାଲଟିଛି। ଗତ ୨୦୨୩ ମସିହାରେ ରାଜଧାନୀରେ ୩୧୯ ଜଣ ଜୀବନ ହାରିଛନ୍ତି। ବିଷପିଇ ୧୯୮ ଜଣ ଆତ୍ମହତ୍ୟା କରିଥିବା ବେଳେ ୧୨୧ ଜଣ ବେକରେ ଫାଶୀ ଲଗାଇ ଝୁଲିପଡ଼ିଛନ୍ତି। ଆତ୍ମହତ୍ୟାରେ ଆଗରେ ରହିଛନ୍ତି ପୁରୁଷ। ଆତ୍ମହତ୍ୟା ରାସ୍ତାରେ ୧୯୬ ପୁରୁଷ ଓ ୧୨୦ ମହିଳା ରହିଛନ୍ତି। ଖଣ୍ଡଗିରି ଥାନାରେ ସର୍ବାଧିକ ୭୫ ଆତ୍ମହତ୍ୟା କରିଥିବା ବେଳେ ଭରତପୁର ଥାନାରେ ଆତ୍ମହତ୍ୟା ସଂଖ୍ୟା ରହିଛି ୫୬। ଏମାନଙ୍କ ପଛରେ ଇନ୍‌ଫୋସିଟି ଓ ମଞ୍ଚେଶ୍ୱର ଥାନା ରହିଛନ୍ତି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଶିକ୍ଷାନୁଷ୍ଠାନ ବଢ଼ିଥିବାରୁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ସେଭଳି ଶ୍ରୀଲିଙ୍ଗରାଜ ଓ ବଡ଼ଗଡ଼ ଥାନା ଭଳି କିଛି ଥାନାରେ କେହି ଆତ୍ମହତ୍ୟା କରି ନ ଥିବା ଜଣାପଡ଼ିଛି।

- ବିଷ ପିଇଛନ୍ତି ୧୯୮; ଝୁଲିପଡ଼ିଛନ୍ତି ୧୨୧
- ଆତ୍ମହତ୍ୟା ବାଟରେ ପୁରୁଷ ୧୯୬ ଓ ୧୨୦ ମହିଳା
- ଖଣ୍ଡଗିରିରେ ୭୫ ଓ ଭରତପୁରରେ ୫୬ ଆତ୍ମହତ୍ୟା

### ଆତ୍ମହତ୍ୟାର ୭୫% ଯୁବଗୋଷ୍ଠୀ

ପ୍ରେମରୁ ବିବାଦ, ପାରିବାରିକ କହଳ, ପାଠ ଓ ସଂସାର ବୋଝ ଅସମ୍ଭାଳ ହେବାରୁ ମାନସିକ ଦୁଶ୍ଚିନ୍ତା ବଢ଼ୁଛି। ଏଥିରୁ ମୁକୁଳିବା ଲାଗି ଅନେକ ଆତ୍ମହତ୍ୟାକୁ ବାଛି ନେଉଛନ୍ତି। ପ୍ରେମ ଯନ୍ତ୍ରରେ ବୁଡ଼ି ଆତ୍ମହତ୍ୟା କରିବା ହାର ଢ଼େର୍ ଅଧିକ। ପ୍ରେମ ପରେ ପ୍ରତାରଣା ଓ ତିକ୍ତତାରୁ ପ୍ରହେଳିକାରୁ ଜୀବନ ଚାଲିଯାଉଛି। ସହରରେ ଯେତିକି ଏବେ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସୁଛି ସେମାନଙ୍କ ମଧ୍ୟ ୭୫ ପ୍ରତିଶତ ରହିଛନ୍ତି ଯୁବଗୋଷ୍ଠୀ। ୧୮ରୁ ୨୫ ବର୍ଷର ଯୁବବର୍ଗଙ୍କ ଆତ୍ମହତ୍ୟା କରିବାର ମୁଖ୍ୟ କାରଣ ପ୍ରେମ, ପାଠପଢ଼ାରେ ଚାପ, ପରିବାରଲୋକେ ଗାଳିଗୁଲଜ କରିବା। ୨୫ରୁ ୪୦ ବର୍ଷର ବ୍ୟକ୍ତିବିଶେଷମାନେ ଅଧିକ ଆତ୍ମହତ୍ୟା କରୁଛନ୍ତି। ୩୮ରୁ ୫୫ବର୍ଷ ବୟସର ବ୍ୟକ୍ତିଙ୍କ ଆତ୍ମହତ୍ୟାର କାରଣ ହେଲା ପାରିବାରିକ କହଳ, କର୍ମକ୍ଷେତ୍ରରେ ଚାପ। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଦେବାଳିଆପଣ ଏହି ଆତ୍ମହତ୍ୟା ପ୍ରବୃତ୍ତି ସର୍ବାଧିକ ଦେଖିବାକୁ ମିଳୁଛି।

### ମନସ୍ତତ୍ତ୍ୱବିତ୍‌ଙ୍କ ମତରେ

ଆତ୍ମହତ୍ୟା କମାଇବା ଲାଗି ପ୍ରାଥମିକ ସ୍ତରରେ ବନ୍ଧୁ ଓ ପରିବାର ଲୋକଙ୍କ ଏକ ବଡ଼ ଭୂମିକା ରହିଛି। ଆତ୍ମହତ୍ୟା କରୁଥିବା ବ୍ୟକ୍ତି ପ୍ରଥମେ ଆତ୍ମହତ୍ୟାର କରିବାର ଲକ୍ଷଣ ଦେଖାଇବ। ଅନେକ ସମୟରେ ଆତ୍ମହତ୍ୟା କରିବା ଲାଗି ମନସ୍ଥ କରିଥିବା ବ୍ୟକ୍ତିଙ୍କୁ ସକାରାତ୍ମକ ଆଲୋଚନା ଦ୍ୱାରା ଆତ୍ମହତ୍ୟାକୁ ରୋକାଯାଇପାରିବ। ପରିବାରଲୋକେ, ବନ୍ଧୁ କିମ୍ବା ପରିଜନ ଦେଖି ଉତ୍ତମ ସୁସମ୍ପର୍କ ରଖିବା ଜରୁରୀ। ଆତ୍ମହତ୍ୟା ପୂର୍ବର ଗୁରୁତ୍ୱପୂର୍ଣ୍ଣ କେଇ ମିନିଟ୍ ସେମାନଙ୍କ ସହ କେହି କଥାବାର୍ତ୍ତା ହେଲେ ମୂଲ୍ୟବାନ ଜୀବନ ବଞ୍ଚିଯାଇପାରିବ। ମାନସିକ ଅବସାନ ହେଲେ ମନସ୍ତତ୍ତ୍ୱବିତ୍‌ଙ୍କ ସହ ପରାମର୍ଶ କରିବା ସହ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଆତ୍ମହତ୍ୟା ରୋକିବା ଦିଗରେ ସଚେତନତା କରିବା ସହ ସୋସିଆଲ ମିଡିଆରେ ଜୀବନକୁ ଉପଭୋଗ କରିବାର ବାର୍ତ୍ତା ଦେଉଛି କମିସନରେଟ୍ ପୁଲିସ।

### ରେକର୍ଡ କରିଥିଲା ୨୦୨୨

ଆତ୍ମହତ୍ୟାରେ ସର୍ବକାଳୀନ ରେକର୍ଡ କରିଥିଲା ୨୦୨୨। ରାଜ୍ୟର ସମସ୍ତ ଜିଲ୍ଲାରୁ ପଛକୁ ଠେଲି ଆତ୍ମହତ୍ୟାରେ ଆଗେଇ ଚାଲିଥିବା ଭୁବନେଶ୍ୱର। ପାଠପଢ଼ୁଆ ଠାରୁ ଶିକ୍ଷିତ ରହୁଥିବା ଏହି ସ୍ମାର୍ଟସିଟିରେ କେଉଁଠି ମାନସିକ ଦୁଶ୍ଚିନ୍ତା ତ ଆଉ କେଉଁଠି ପ୍ରେମଜନିତ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ନେତାଠୁ ଅଭିନେତା, ପୁଲିସ ବାବୁଙ୍କଠୁ କିରାଣୀଙ୍କ ଶେଷ ଠିକଣା ହୋଇଛି ଆତ୍ମହତ୍ୟା। ୨୦୨୨ରେ ୪୧୭, ୨୦୨୧ରେ ୨୮୨, ୨୦୨୦ରେ ୩୧୦, ୨୦୧୯ରେ ୨୨୦, ୨୦୧୮ରେ ୨୨୪ ଏବଂ ୨୦୧୭ ମସିହାରେ ୨୩୧ ଜଣ ଆତ୍ମହତ୍ୟା କରିଥିଲେ।

**କମିସନରେଟ୍ ପୁଲିସର ତଥ୍ୟ**

| ଥାନା | ବିଷକ୍ରିୟା | ଝୁଲନ୍ତା | ମୋଟ୍ |
|---|---|---|---|
| ଖାରବେଳ ନଗର | ୬ | ୫ | ୧୧ |
| ଏୟାରପୋର୍ଟ | ୧ | ୧ | ୨ |
| ଏୟାରଫିଲ୍ଡ | ୧ | ୪ | ୫ |
| ଜଟଣୀ | ୨ | ୧୧ | ୧୩ |
| ଇନ୍‌ଫୋଭ୍ୟାଲି | ୦ | ୪ | ୪ |
| ଭରତପୁର | ୩୯ | ୧୭ | ୫୬ |
| ଖଣ୍ଡଗିରି | ୫୫ | ୨୦ | ୭୫ |
| ଲକ୍ଷ୍ମୀସାଗର | ୨ | ୦ | ୨ |
| ବାଲିପାଟଣା | ୪ | ୦ | ୪ |
| ବାଲିଅନ୍ତା | ୧ | ୪ | ୫ |
| ନୂଆପଲ୍ଲୀ | ୯ | ୧୩ | ୨୨ |
| ମଞ୍ଚେଶ୍ୱର | ୩୧ | ୧ | ୩୨ |
| ସହିଦନଗର | ୯ | ୨ | ୧୧ |
| ଚନ୍ଦ୍ରଶେଖରପୁର | ୧ | ୧୦ | ୧୧ |
| ଇନ୍‌ଫୋସିଟି | ୨୩ | ୧୪ | ୩୭ |
| ଚନ୍ଦକା | ୬ | ୬ | ୧୨ |
| ମୈତ୍ରୀବିହାର | ୫ | ୨ | ୭ |
| ନନ୍ଦନକାନନ | ୧ | ୧ | ୨ |
| ଧଉଳି | ୧ | ୬ | ୭ |
| କ୍ୟାପିଟାଲ | ୧ | ୦ | ୧ |

## ମଦଭର୍ତ୍ତି ଗାଡ଼ି ଜବତ; ୨ ଗିରଫ

### ମୟୂରଭଞ୍ଜରୁ ଆସୁଥିଲା ୫୦୦ ଲିଟର ଦେଶୀମଦ



ଭୁବନେଶ୍ୱର, ୨୦।୧(ସମିସ): ମୟୂରଭଞ୍ଜରୁ କାର୍‌ରେ ରାଜଧାନୀକୁ ଦେଶୀ ମଦ ଆସୁଥିଲା। ମଞ୍ଚେଶ୍ୱର ଥାନା ଧୀରିକୁଟି ବସ୍ତିକୁ ଦେଶୀ ମଦ ଯାଉଥିଲା। କାର୍ ଆଗ ଓ ପଛରେ ବସ୍ତା ବସ୍ତା ମଦ ଯାଉଥିବା ସମୟରେ ରସୁଲଗଡ଼ ଛକରେ କାର୍‌କୁ ମାଡ଼ିବସିଲା ଅବକାରୀ ୟୁନିଟ୍। ଏଥିରେ ସମ୍ପୃକ୍ତ ରହିଥିବା ୨ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିକ୍ରମ ମାରାଣ୍ଡି ଓ ସହଦେବ ହାଁସଦା। ସେମାନଙ୍କ ଠାରୁ କାର୍ ଓ ୫୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ଟିମ୍ କହିବା କଥା, ମୟୂରଭଞ୍ଜରୁ ଦେଶୀ ମଦ ନେଇ ଏକ କାର୍‌ରେ ୨ ଯୁବକ ଆସୁଥିଲେ। କାର୍‌ର ମାଲିକ ବିକ୍ରମ ହୋଇଥିବା ବେଳେ ସହଦେବକୁ ଏଥିରେ ସାମିଲ୍ କରାଯାଇଥିଲା। କାର୍ ଆଗ ଓ ପଛରେ ୧୦ ବସ୍ତା ମଦ ଆଣିଥିଲେ। ୧ଲକ୍ଷ ଟଙ୍କାରେ ମଦ ଆଣି ଭୁବନେଶ୍ୱରରେ ୨ଲକ୍ଷ ଟଙ୍କାରେ ବିକ୍ରି କରିଥାନ୍ତେ। ସେମାନେ ଆଣୁଥିବା ମଦରେ ସ୍ପିରିଟ୍ ଭାଗ ଅଧିକ ରହିଥିଲା। ଭୁବନେଶ୍ୱରରେ ସେଇ ମଦରେ ପାଣି ଭର୍ତ୍ତି କରି ବିକ୍ରି କରିଥାନ୍ତେ। କିନ୍ତୁ କାର୍ ନେଇ ଆସୁଥିବା ସମୟରେ ବିଶେଷସୂତ୍ରରୁ ଖବରପାଇ ରସୁଲଗଡ଼ ଛକରେ ଚଢ଼ଉ କରାଯାଇଥିଲା। କାର୍‌ରୁ ମଦ ଜବତ କରିବା ସହ ୨ ଯୁବକଙ୍କୁ କାବୁ କରିଥିଲା ଅବକାରୀ ୟୁନିଟ୍।

## ବ୍ରାଉନସୁଗର ଜବତ; ଜଣେ ଗିରଫ



ଭୁବନେଶ୍ୱର, ୨୦।୧(ସମିସ): କ୍ୟାପିଟାଲ ଥାନା ୟୁନିଟ୍-୨ର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି ଅବକାରୀ ୟୁନିଟ୍। ଗିରଫ ଯୁବକ ଜଗତସିଂହପୁରର ପ୍ରଦ୍ୟୁମ୍ନ ପ୍ରଧାନ। ତା' ଠାରୁ ୩୬ ଗ୍ରାମ୍‌ର ବ୍ରାଉନ୍‌ସୁଗର ଜବତ ହୋଇଛି। ପ୍ରଦ୍ୟୁମ୍ନ ରାଜଧାନୀରୁ ବ୍ରାଉନସୁଗର କିଣି ତିର୍ତ୍ତୋଲରେ ଥିବା ଗାଁକୁ ଯାଉଥିଲେ। ସେଠାରେ ତାଙ୍କ ବନ୍ଧୁକୁ ଅପେକ୍ଷା କରିଥିବା ବେଳେ ଅବକାରୀ ୟୁନିଟ୍ କାବୁ କରି ନେଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଡାକ୍ତରଖାନା ଉପଦେଷ୍ଟାଙ୍କ ରିପୋର୍ଟ

# କ୍ୟାପିଟାଲ୍ ହସ୍ପିଟାଲରେ ଡାକ୍ତର ନିଯୁକ୍ତ ପାଇଁ ପଦକ୍ଷେପ ନିଆଯିବ

ଭୁବନେଶ୍ୱର, ୨୦।୧(ସମିସ): କ୍ୟାପିଟାଲ ହସ୍ପିଟାଲର ବହୁ ସଂଖ୍ୟାରେ ସଙ୍କଟାପନ୍ନ ରୋଗୀ ଚିକିତ୍ସା ଲାଗି ଭର୍ତ୍ତି ହେଉଥିବା ବେଳେ ସମାନ ସମୟରେ କାଜୁଆଲଟି ଓ ଜରୁରିକାଳୀନ ବିଭାଗରେ ଡାକ୍ତର ଅଭାବ ସମସ୍ୟା ସାମ୍ନାକୁ ଆସୁଛି। ଏହି ସମସ୍ୟା ସମାଧାନ ସହ ତ୍ୱରିତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ରୋଗୀମାନେ ଦାବି କରୁଛନ୍ତି। ତାହା ସହ ନିରୋଲୋଜି ବିଭାଗର ଡାକ୍ତର ଏବଂ ନିରୋସର୍ଜନମାନଙ୍କ ଅଧିକ ସଂଖ୍ୟାକ ନିଯୁକ୍ତ ଦାବି ହେଉଛି। ଏନେଇ କ୍ୟାପିଟାଲ ହସ୍ପିଟାଲର ଉପଦେଷ୍ଟାଭାବେ ନିଯୁକ୍ତ ସଞ୍ଜୟ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓକୁ ରିପୋର୍ଟ ଦେଇଥିବା ଜଣାପଡ଼ିଛି। ଏସମ୍ପର୍କିତ ରିପୋର୍ଟ ହସ୍ତଗତ ହେବା ପରେ ସମସ୍ୟାର ସମାଧାନ ଲାଗି ସିଏମଓ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତାଙ୍କ ପତ୍ର ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଡାକ୍ତର ଅଭାବ ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେହିପରି ରିପୋର୍ଟରେ ଉଲ୍ଲେଖ ହୋଇଥିବା ଅନ୍ୟ କେତେକ ସମସ୍ୟା ମଧ୍ୟରେ କାଜୁଆଲଟି ଓ ହସ୍ପିଟାଲରେ ପ୍ରବଳ ସଂଖ୍ୟାରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଲମ୍ବା ସମୟ ଧରି ଧାଡ଼ିରେ ଛିଡ଼ା ହେଉଥିବା ନେଇ ଦୃଷ୍ଟିକୁ ଆସିଛି। ଆବଶ୍ୟକ କର୍ମଚାରୀଙ୍କ ଅଭାବ ହେତୁ ଏପ୍ରକାରର ସମସ୍ୟା ଦେଖାଦେଇଛି। ତେଣୁ ଏହି ସମସ୍ୟାର ସମାଧାନ ଲାଗି ରୋଗୀ ତଥ୍ୟ ସେମାନଙ୍କ ସମ୍ପର୍କୀୟ ହସ୍ପିଟାଲରେ ଅଧିକ ସଂଖ୍ୟା କର୍ମଚାରୀ ଦେବାକୁ ଦାବି କରୁଛନ୍ତି। ସେଭଳି ହସ୍ପିଟାଲ୍ ପରିସର ଏବଂ ବିଭିନ୍ନ ୱାର୍ଡରେ ସଫାସୁତୁରା କାର୍ଯ୍ୟକ୍ରମ ସଠିକ୍ ଭାବେ ହେଉନାହିଁ। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସଫେଇ ସଂସ୍ଥାକୁ ସଫାସୁତୁରା କାର୍ଯ୍ୟକ୍ରମ ସଠିକ୍ ଭାବେ କରିବାକୁ ବାରମ୍ବାର କରିଆସୁଥିଲେ ମଧ୍ୟ ତାହା କାର୍ଯ୍ୟ କ୍ଷେତ୍ରରେ ପ୍ରତିଫଳନ ହେଉନି। ଏନେଇ ଉପଦେଷ୍ଟା ଶ୍ରୀ ସେଠୀ ସିଏମ୍‌ଓକୁ ରିପୋର୍ଟ ଦେଇଥିବା ଜଣାପଡ଼ିଛି।

## 'ଅଭିନୟ ଦର୍ପଣମ୍' ଲୋକାର୍ପିତ

ଭୁବନେଶ୍ୱର, ୨୦।୧(ସମିସ): ଓଡ଼ିଶୀ ନୃତ୍ୟର ବିଭିନ୍ନ ମୁଦ୍ରା ଉପରେ ଆଧାରିତ ପୁସ୍ତକ 'ଅଭିନୟ ଦର୍ପଣମ୍' ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ନୃତ୍ୟାଙ୍ଗନା ତଥା ଓଡ଼ିଶୀ ନୃତ୍ୟ ଗବେଷିକା ଡ଼ଃ. ଶୁଭଶ୍ରୀ ପଟ୍ଟନାୟକଙ୍କ ରଚିତ ଏହି ପୁସ୍ତକକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ପୁସ୍ତକକୁ ଖାରବେଳ ଭବନରେ ଲୋକାର୍ପିତ କରିଥିଲେ। ଏହି ଅବସରରେ ଓଡ଼ିଆ, ସଂସ୍କୃତ ଓ ଇଂରାଜୀ ଭାଷାରେ ଲିଖିତ ତଥା ବୃକ୍ଷ, ପକ୍ଷୀ ଓ ନବଗ୍ରହ ଆଦି ପ୍ରାକୃତିକ ଓ ଧାର୍ମିକ ଉଦାହରଣକୁ ନେଇ ଲିଖିତ ଏହି ପୁସ୍ତକରେ ଓଡ଼ିଶୀ ନୃତ୍ୟର ବିଭିନ୍ନ ପାରମ୍ପାରିକ ମୁଦ୍ରାର ସୁବିସ୍ତୃତ ଆଲୋଚନା ଓଡ଼ିଶୀ ନୃତ୍ୟଶିଳ୍ପୀ ମାନଙ୍କ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଉତ୍କଳ ସଂସ୍କୃତି



ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ଃ. ଆଶିଷ ମହାପାତ୍ର, ସାମ୍ବାଦିକ ଡ଼ଃ. ମାଧବାନନ୍ଦ ବେଉରା ତଥା କେନ୍ଦ୍ର ସରକାରଙ୍କ ସିନିଅର ଫେଲୋସିପ୍ ପ୍ରାପ୍ତ ଐତିହ୍ୟ ଗବେଷିକା ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ପୁସ୍ତକ ସମସାମୟିକ ନୃତ୍ୟଶିଳ୍ପୀମାନଙ୍କ ପାଇଁ ଏହାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ।

## ୫୩ ନମ୍ବର ୱାର୍ଡରେ ବିଜେଡି ଜନ ସମ୍ପର୍କ



ଭୁବନେଶ୍ୱର, ୨୦।୧(ସମିସ): ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ୱାର୍ଡ ନମ୍ବର ୫୩ରେ ଜନ ସମ୍ପର୍କ ପଦଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। କାର୍ଗିଲ ରୋଡସ୍ଥିତ ବିଜୁ ଆଦର୍ଶ କଲୋନୀରୁ ଆରମ୍ଭ ହୋଇ ପଳାଶପଲ୍ଲୀ, ଭୀମପୁର, ଝରଣା ସାହି ପର୍ଯ୍ୟନ୍ତ ପଦଯାତ୍ରାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପରିକ୍ରମା କରିଥିଲେ। ନବୀନ ସରକାର ଜନନୀ ଯୋଜନା ଠାରୁ ବିଜୁ ନବୀନ ସ୍ୱାସ୍ଥ୍ୟ କଲ୍ୟାଣ ପର୍ଯ୍ୟନ୍ତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାମାନ ଜନସାଧାରଣ କିପରି ଉପକୃତ ହେଉଛନ୍ତି ଏନେଇ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ ପରେ କୋଠା ପଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପ୍ରାୟ ୬୨ ଲକ୍ଷ ଟଙ୍କାରେ ଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟନମାନଙ୍କ ମଧ୍ୟରେ କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ, କର୍ପୋରେଟର ମହାମାୟା ସ୍ୱାଇଁ, ଶ୍ରୀଧର ବେହେରା, ଶିବ ପ୍ରସାଦ ବେହେରା, ସନ୍ତୋଷ ସିଂ, ଅଜିତ୍ ବେହେରା, କେ ଶାନ୍ତି, ପୂର୍ବତନ କର୍ପୋରେଟର ରୁନୁ ଜେନା ଜେନା, ଭୁବନେଶ୍ୱର ବିଜୁ ଯୁବ ଜନତା ଦଳ ସଭାପତି ସମରେଶ ବେଉରା, ପ୍ରସନ୍ନ ପରିଡ଼ା, ରାଜେଶ ପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ସମୀର ବେହେରା, ରଞ୍ଜିତ କୁମାର ସାହୁ, ଗୟାଧର ସ୍ୱାଇଁ, ବିଜୟ ଗୋଛାୟତ, ଶିବ ପ୍ରସାଦ ମହାପାତ୍ର, ମମତା ରଥ, ବିଜୟିନୀ ମହାରଣା, ବିଜୟଲକ୍ଷ୍ମୀ ସେଠ୍, ସୁଜାତା ଦାସ, ରୁନୁବାଳା ପଟ୍ଟନାୟକ, ତେଜସ୍ୱୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## 'ମାଧ୍ୟମ' ଯୋଡୁଛି ସଂସାର

### ୨୨୭ ଅଭିଯୋଗରୁ ୧୭୧ ସମାଧାନ

ଭୁବନେଶ୍ୱର, ୨୦।୧(ସମିସ): କମିସନରେଟ୍ ପୁଲିସ ଅଧୀନରେ କାର୍ଯ୍ୟ କରୁଥିବା 'ମାଧ୍ୟମ' ମହିଳାଙ୍କୁ ସହାୟତାର ହାତ ବଢ଼ାଇଛି। ଗତ ୨୦୨୩ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୨୨୭ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏଥିମଧ୍ୟରୁ ୧୭୧ ଘଟଣାରେ ମାଧ୍ୟମ ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରିବାରେ ସଫଳ ହୋଇଛି। ୧୬ ମହିଳାଙ୍କୁ ଆଇନଗତ ସୁରକ୍ଷା ଯୋଗାଇ ଦେଇଥିବା ବେଳେ ୨୫ ଜଣଙ୍କୁ ଚିକିତ୍ସା ସହାୟତା କରିଛି। ନିଜ ପରିବାର, ସମାଜ ତଥା କାର୍ଯ୍ୟସ୍ଥଳିରେ ସମ୍ମୁଖୀନ ହେଉଥିବା ଶାରୀରିକ, ମାନସିକ ଓ ସାମାଜିକ ନିର୍ଯାତନା, ଘରୋଇ ହିଂସା, ଯୌନ ନିର୍ଯାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ଼ ଆକ୍ରମଣ ପୀଡ଼ିତାଙ୍କୁ ସୁରକ୍ଷା ଦେବା ପାଇଁ 'ମାଧ୍ୟମ' ପ୍ରୟାସ ଜାରି ରଖିଛି। ପୁଲିସ ଉପାୟୁକ୍ତ ପ୍ରତୀକ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ସହ ପୀଡ଼ିତା ମହିଳାଙ୍କୁ ସୁରକ୍ଷା ଯୋଗାଇବା ଲାଗି ଆବଶ୍ୟକ ସାହାଯ୍ୟ, ସହଯୋଗ, ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ପ୍ରଦାନ ଲାଗି ଉଦ୍ୟମ କରୁଛି। ପୀଡ଼ିତାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକରେ ମାଗଣା ତାଲିମ ନେବାର ବ୍ୟବସ୍ଥା କରୁଛି ମାଧ୍ୟମ।

## ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍‌ର ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୦।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଡିଟୋରିୟମରେ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁଶୱାହା, ରାଜ୍ୟ ଏସ୍‌ଏସ୍‌ଏସ୍ ଅଫିସର ତଥା ଉଚ୍ଚଶିକ୍ଷା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ରାଜ୍ୟର ୨୨ଟି ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଫିସର, ଜିଲ୍ଲା ପ୍ରୋଗ୍ରାମ୍ ଅଫିସର, ବିଶ୍ୱବିଦ୍ୟାଳୟର ଅଫିସ୍ ଆସିଷ୍ଟାଣ୍ଟ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ପ୍ରଫେସର ଶ୍ରୀମତୀ ଆଚାର୍ଯ୍ୟଙ୍କ ବୈଠକରେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ କୁଶୱାହା ଜିଲ୍ଲାରୁ ଆସିଥିବା ପ୍ରୋଗ୍ରାମ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କାଜଲ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।

## ଧରାପଡ଼ିଲେ ୫ ସାଇକଲ୍ ଲୁଟେରା

ଭୁବନେଶ୍ୱର, ୨୦।୧(ସମିସ): ରାଜଧାନୀରେ ୫ଜଣିଆ ସାଇକଲ ଲୁଟେରା ଗ୍ୟାଙ୍ଗ୍‌ର ୫ଜଣ ସଦସ୍ୟଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନ ହେଲେ କାଳିଆ ଗୌଡ଼, ସନ୍ତୋଷ ପୃଷ୍ଟି, କାଳିଆ ମୁଦୁଲି, ସେକ୍ ଅବଦୁଲ, ଇନ୍ଦ୍ରମଣି ପରିଡ଼ା। ସେମାନଙ୍କ ଠାରୁ ୮ଟି ସାଇକଲ ଜବତ କରାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ଘର ଦୁଆରୁ କିମ୍ବା ଘର ଭିତରେ ପଶି ସାଇକଲ ଲୁଟ୍‌ପାଟ୍ କରୁଥିଲେ। ସେଇ ସାଇକଲଗୁଡ଼ିକୁ ନେଇ ବିଭିନ୍ନ ରାଜ୍ୟରେ କମ୍ ମୂଲ୍ୟରେ ବିକ୍ରି କରୁଥିଲେ। ଦୁଇଦିନ ତଳେ ନୂଆପଲ୍ଲୀ ଥାନା ଅଞ୍ଚଳରେ ଏକ ସାଇକଲ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା ପୁଲିସ ସିସିଟିଭି ଆଧାରରେ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମସ୍ତଙ୍କୁ କାବୁ କରିବା ସହ ସାଇକଲ ଚୋରି କରି ଏକ ଲୁଚାଇ ରଖିଥିବା ସ୍ଥାନରୁ ଜବତ କରାଯାଇଛି। ସେହିପରି ଭରତପୁର ଥାନା ଅଞ୍ଚଳରୁ ୪ଜଣ ଅଭିଯୁକ୍ତକୁ କାବୁ କରାଯାଇଛି। ସେମାନେ ହେଲେ ବାବୁ ନନ୍ଦ, ତପନ ନନ୍ଦ, କାଲୁ ମଲ୍ଲିକ ଓ ହାଇଦର ମଲ୍ଲିକ। ସେଭଳି ଡେରାସର ଏକ ଫାର୍ମ ହାଉସ୍‌ରୁ ଚୋରି କରିଥିବା ଲୁଟେରା ଅନାମ ବେହେରାକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ।

### ବଡ଼ଗଡ଼ରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର ଶିଳାନ୍ୟାସ

# ରାସ୍ତାରୁ କମିବ ଭିଡ଼, ଦୂରହେବ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର, ୨୦।୧(ସମିସ):



ପରିବର୍ତ୍ତନ ହେଉଛି ମଣିଷ ହାଟର ରୂପରେଖା। ଶ୍ରମିକଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ସ୍ଥାନଗୁଡ଼ିକରେ ଅବଶ୍ୟକ ଭିତ୍ତିଭୂମି ବିକାଶ କରାଯାଇ ମଣିଷ ହାଟକୁ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରରେ ପରିଣତ କରାଯିବ। ଶ୍ରମିକମାନେ କାମ ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରତିକ୍ଷା କରି ପାରିବେ। ଏହାସହ ମଣିଷ ହାଟ ଯୋଗୁଁ ସୃଷ୍ଟି ହେଉଥିବା ରାସ୍ତାରେ ଭିଡ଼ ଲାଗିବା ଏବଂ ଟ୍ରାଫିକ୍ ଜାମ୍ ଭଳି ସମସ୍ୟା ଦୂରହେବ। ଏଥିପାଇଁ ବିକାଶର ବିହ୍ୱାଣି ମୁଖ୍ୟମନ୍ତ୍ରୀଙ୍କୁ ଶ୍ରମିକମାନେ ଧନ୍ୟବାଦ ଦେଇଛନ୍ତି। ରାଜଧାନୀରେ ଡୁମଡୁମା ପରେ ୱାର୍ଡ ନମ୍ବର ୪୫ ବରଗଡ଼ ଲେବର ଷ୍ଟାଣ୍ଡରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର ଶିଳାନ୍ୟାସ ହୋଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ୪ହଜାର ବର୍ଗଫୁଟରେ ନିର୍ମାଣ କରିବ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଓ ଉଦ୍ୟାନ। ପ୍ରତୀକ୍ଷା କେନ୍ଦ୍ରରେ ୩୦୦ରୁ ଅଧିକ ଶ୍ରମିକ ଏହାର ସୁବିଧା ପାଇ ପାରିବେ। ଏହା ସହ ସେମାନଙ୍କ ଶୌଚାଳୟ, ପାର୍କ ଓ ଖୋଲା ଜିମ୍‌ର ଭିତ୍ତିଭୂମି ବିକାଶ କରାଯିବ। ଫଳରେ ସେମାନଙ୍କ ଯାତାୟତରେ ସରଳୀକରଣ ସାଙ୍ଗକୁ ଟ୍ରାଫିକ ପରିଚାଳାନ ସୁଗମ ହୋଇ ପାରିବ ବୋଲି ମନ୍ତ୍ରୀ ଅଶୋକ ପଣ୍ଡା ଓ ମେୟର ସୁଲୋଚନା ଦାସ କହିଛନ୍ତି। ବଡ଼ଗଡ଼ ଲେବର୍ ଷ୍ଟାଣ୍ଡ ନିକଟରେ ହେବାକୁ ଥିବା ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଓ ଉଦ୍ୟାନର ଏକ କୋଟି ୫ ଲକ୍ଷ ଟଙ୍କା ବଜେଟ ରହିଛି। ୩ ମାସରେ କାର୍ଯ୍ୟ ଶେଷ କରିବାକୁ ବିଡିଏ ଲକ୍ଷ୍ୟ ରଖିଛି। କେବଳ ଶ୍ରମିକ ନୁହେଁ ସକାଳ ଓ ସନ୍ଧ୍ୟା ବେଳେ ସାଧାରଣ ଲୋକ ଉଦ୍ୟାନରେ ବ୍ୟାୟମ କରିବା ସହିତ ମନୋରଞ୍ଜନ କରିପାରବେ। ଆଗାମୀ ଦିନରେ ସହରରେ ଏକାଧିକ ସ୍ଥାନରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଓ ଉଦ୍ୟାନ କରାଯିବ ବୋଲି କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ବଡ଼ଗଡ଼ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଓ ଉଦ୍ୟାନ ଲାଗି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଓ ବିଏମସିର ୱାର୍ଡ ନମ୍ବର ୪୫ର କର୍ପୋରେଟର ଅମରେଶ ଜେନା ମଧ୍ୟ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି



# ବାଲିଅନ୍ତାରେ ୨ ଆନ୍ତଃନଦୀ ପ୍ରକଳ୍ପର ଭିତ୍ତିପ୍ରସ୍ତର





**ବାଲିଅନ୍ତା, ୨୦।୧(ସମିସ):** ବାଲିଅନ୍ତା ବ୍ଲକ ଅଞ୍ଚଳରେ ଏଣିକି ଆଉ ଜଳ ସମସ୍ୟା ରହିବ ନାହିଁ। ଜଳ ସମସ୍ୟା ଦୂର କରିବା ଲାଗି ୨ଟି ବୃହତ୍ ଅନ୍ତଃନଦୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଭିତ୍ତି ସ୍ଥାପନ କରିଥିଲେ। ବାଲିଅନ୍ତା ସବ୍‌ଡିଭିଜନ ଅଧୀନରେ କୁଆଖାଇ ନଦୀର ପାଣ୍ଡେରା ଜଳାଶୟ ପ୍ରକଳ୍ପ ନିର୍ମାଣ ନେଇ ୧୮୨ କୋଟି ଏବଂ ରାମଚନ୍ଦ୍ରପୁରସ୍ଥିତ କୁଶଭଦ୍ରା ପ୍ରକଳ୍ପ ନିର୍ମାଣ ନେଇ ୧୩୦ କୋଟି ବ୍ୟୟ ଅଟକଳ କରାଯାଇଥିବା ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଏବେ ଚାଲିଛି। ଉପରୋକ୍ତ ୨ ଜଳଭଣ୍ଡାର ଜଳକୁ କୃଷି, ଶିଳ୍ପ, ମତ୍ସ୍ୟଚାଷ ସର୍ବୋପରି ପାନୀୟଜଳ ପାଇଁ ବ୍ୟବହାର କରାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ନିଆଳି ସବ୍‌ଡିଭିଜନ ସହକାରୀ ଯନ୍ତ୍ରୀ ସୁଧାକର ମଲ୍ଲିକ ଏବଂ ବାଲିଅନ୍ତା ସେକ୍ସନ - ୨ ସହକାରୀ ଯନ୍ତ୍ରୀ ମଧୁସ୍ମିତା ବେହେରାଙ୍କ ସମେତ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା ଉପସ୍ଥିତ ଥିଲେ।

## ଅନ୍‌ଲାଇନ୍ ସଟ୍ଟା ମଟକା ବେଟିଂ ଆପ୍ ଠକେଇ ମାମଲା

# ସଂସ୍ଥାର ୮.୮୯ କୋଟି ଟଙ୍କା ଆଟାଚ୍ କଲା ଇଡି

**ଭୁବନେଶ୍ୱର, ୨୦।୧(ସମିସ):** ଅନଲାଇନ୍ ସଟ୍ଟା ମଟକା ବେଟିଂ ଆପ୍ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ସ୍ଥାବର ଓ ଅସ୍ଥାବରକୁ ମିଶାଇ ସଂସ୍ଥାର ୮.୮୯କୋଟି ଟଙ୍କାର ସଂପତ୍ତି ଆଟାଚ୍ କରିଛି। ଅନ୍‌ଲାଇନରେ ଏହି ଗେମ୍ ମାଧ୍ୟମରେ ଲୋକଙ୍କୁ ଚୂନ ଲଗାଇ ସଂସ୍ଥା ଏହି ସବୁ ସମ୍ପତ୍ତି ଅର୍ଜନ କରିଥିଲା। ଆଟାଚ ମଧ୍ୟରେ ୧୦ଟି ସ୍ଥାବର ସମ୍ପତ୍ତି ଥିବା ବେଳେ ୫ଟି ବ୍ୟାଙ୍କ୍ ଆକାଉଣ୍ଟ ରହିଛି। ଏହି ଠକେଇର ମାଷ୍ଟରମାଇଣ୍ଡ ରହିଥିଲେ ଲୋକେଶ ବର୍ମା ଓରଫ୍ ରାଜା ବର୍ମା। ତା'ର ନିର୍ଦ୍ଦେଶରେ ସାରା ଦେଶରେ ଏହି ଠକେଇ ହୋଇଥିଲା। ଓଡ଼ିଶା, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ଅନ୍ୟ ରାଜ୍ୟରେ ମାମଲା ହୋଇଥିଲା। ଇଡି ବିଭିନ୍ନ ରାଜ୍ୟରେ ହୋଇଥିବା ମାମଲା ଆଧାରରେ ତଦନ୍ତ ନିଜ ହାତକୁ ନେଇଥିଲା। ତଦନ୍ତ କରିବା ପରେ ଏହି ସଂସ୍ଥା ଲୋକଙ୍କୁ ଗେମ୍ ଖେଳିଆ ଆଳରେ ସାରା ଦେଶରୁ କୋଟି କୋଟି ଟଙ୍କା ଠକେଇ କରିଛି।

ସଂସ୍ଥା ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଭୁବନେଶ୍ୱର ଏବଂ ଦେଶର ଅନ୍ୟାନ୍ୟ ସହରମାନଙ୍କୁ ଟର୍ଗେଟ୍ କରିଥିଲା। ଏହି ଆପ୍ ବ୍ୟବହାରକାରୀ ନିଜର ମୋବାଇଲ୍ ନମ୍ବର ମାଧ୍ୟମରେ ଏହି ଆପ୍ ରେଜିଷ୍ଟ୍ରେସନ୍ କରୁଥିଲେ। ୟୁପିଆଇ ମାଧ୍ୟମରେ ଧନ୍‌ଗେମ୍ ୱାଲେଟ୍‌କୁ ଟଙ୍କା ସ୍ଥାନାନ୍ତର କରୁଥିଲେ। ଏହି ସଂସ୍ଥାର ଆକାଉଣ୍ଟକୁ ବିଭିନ୍ନ ରାଜ୍ୟରୁ କୋଟି କୋଟି ଟଙ୍କା ଆସିଛି। ଏଥିରେ ମନି-ଲଣ୍ଡରିଂ ଲିଙ୍କ୍ ହୋଇଥିବାରୁ ଇଡି ତଦନ୍ତରେ ମୁଣ୍ଡ ପୂରାଇଥିଲା। ସଂସ୍ଥା ଜାଲ୍ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଟଙ୍କା କାରବାର କରିଥିଲା। ଏପରିକି ଲୋକେଶ ବର୍ମା ମଧ୍ୟ ନିଜର ସମସ୍ତ ତଥ୍ୟ ଜାଲ କରି ଏଭଳି ଠକେଇ କରିଥିଲେ। ଇଡି ତଦନ୍ତରୁ ଜଣାପଡ଼ିଛି ଯେ ଏହି ସଂସ୍ଥା ସାରା ଦେଶରୁ ୨୫କୋଟି ଟଙ୍କା ଠକେଇ କରିଛି।

# ଶିକ୍ଷାବିତ୍‌ଙ୍କ ମାତୃ ବିୟୋଗ



**ଭୁବନେଶ୍ୱର, ୨୦।୧(ସମିସ):** ଶିକ୍ଷାବିତ୍ ତଥା ୟୁନିଟ୍ -୮ ଡିଏଭିର ପୂର୍ବତନ ଅଧକ୍ଷା ଡ.ଭାଗ୍ୟବତୀ ନାୟକଙ୍କ ମାତା ଭଗବତୀ ନାୟକଙ୍କର ୮୫ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାମୀ ଉମାକାନ୍ତ ନାୟକ ରାଜ୍ୟ ସରକାରଙ୍କ ଅଧୀନରେ ବରିଷ୍ଠ ସୂଚନା ପଦାଧିକାରୀ ଭାବରେ କାର୍ଯ୍ୟକରି ୧୯୯୫ରେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଜ୍ୟୋଷ୍ଠାକନ୍ୟା ଭାଗ୍ୟବତୀଙ୍କ ସମେତ ଜାମାତା ତଥା ଚଳଚ୍ଚିତ୍ର ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଡ.ଅତସୁ, ଭାନୁମତୀ, ଭାରତୀ, ହିତାଂଶୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପାଞ୍ଚଦେଶ କମିଟି ବୈଠକ

**ହଂସପାଳ, ୨୦।୧(ସମିସ):** ନିକୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଦେଶ କମିଟି ପକ୍ଷରୁ ପଞ୍ଚାୟତର ବହୁ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସରକାରଙ୍କ ତରଫରୁ ମନ୍ଦିରର ଉନ୍ନତିକରଣ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। କିଭଳି ଭାବେ ଏହି ଅର୍ଥରେ ମନ୍ଦିର ପରିସରକୁ ସୁସଜ୍ଜିତ କରାଯିବ ସେ ନେଇ ତଦାରଖ କରାଯାଇଥିଲା। ବୈଠକରେ ସରପଞ୍ଚ କୃଷ୍ଣ କେଶବ ଆପଟ ଅଧ୍ୟକ୍ଷତା କରିଥିଲେ। ନିକୁଞ୍ଜ ବିହାରୀ ମନ୍ଦିରର ସମ୍ପତ୍ତିକୁ ଜୋର୍ ଜବରଦସ୍ତ ମାଡ଼ି ବସି କୋଠା ଘର ନିର୍ମାଣ କରାଯାଇଛି। କିନ୍ତୁ ମନ୍ଦିରକୁ କୌଣସି ଅର୍ଥ ଆସୁନାହିଁ। ଯାହାକୁ ନେଇ ମନ୍ଦିର କମିଟି ସଭାପତି ଦିଲୀପ ସାହୁ ପାଞ୍ଚଦେଶରେ ଅଭିଯୋଗ କରିଥିଲେ। ଏହି ବୈଠକରେ ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ, ଦୁର୍ଗା ପୂଜା କମିଟି ସଭାପତି ରାଜେଶ୍ ସାହୁ, ସତ୍ୟନାରାୟଣ ରାୟ, ବୈକୁଣ୍ଠ ରାଉତରାୟ, ରାଜୀବ ବେହେରା, ମହେନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ବେହେରା, ବିରଞ୍ଚି ଜେନାଉପସ୍ଥିତ ଥିଲେ।

## 'ସ୍ଥାୟୀ ଆସନ୍ତାକାଲି ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା'

# ଭୁବନେଶ୍ୱର ଆଇଆଇଟିରେ ଦିନିକିଆ ସମ୍ମିଳନୀ



**ଭୁବନେଶ୍ୱର, ୨୦।୧(ସମିସ):** ଆଇଆଇଟି ଭୁବନେଶ୍ୱରରେ 'ସ୍ଥାୟୀ ଆସନ୍ତାକାଲି ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା' ବିଷୟରେ ଏକ ଦିବସୀୟ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଅକ୍ଷୟ ଶକ୍ତିର ସ୍ଥାୟୀ ଭବିଷ୍ୟତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଆଇଆଇଟି ଭୁବନେଶ୍ୱର ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କରମାଲକର, ଆଇବିଏମ୍ ନିର୍ଦ୍ଦେଶକ ଦେବେଶ ଦାସ, ଅନୁଷ୍ଠାନର ରେଜିଷ୍ଟ୍ରାର୍ ପ୍ରଫେସର୍ ଦେବାଶିଷ ଜେନା, କ୍ରୀଡ଼ା ଓ ଯୁବଶକ୍ତି ମନ୍ତ୍ରଣାଳୟର ବ୍ୟକ୍ତିଗତ ସଚିବ କୈଳାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଳ୍ପ ବିଶେଷଜ୍ଞ ଓ ବିଶିଷ୍ଟ ଅନୁସନ୍ଧାନକାରୀଙ୍କୁ ନେଇ ଏକ ପ୍ୟାନେଲ୍ ଆଲୋଚନା ହୋଇଥିଲା। ଏଥିରେ ସୋଆ କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାଶ, ଖଡ଼ଗପୁର ଆଇଆଇଟିର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଦେବଦୂତ ସିତ, ଆମେରିକାର ଆଇଟି ବିଶେଷଜ୍ଞ ଗୌତମ ବେହେରା, ଇଙ୍କଚର ଟେକ୍‌ନୋଲୋଜିର ଜ୍ୟୋତିର୍ମୟ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିଳ୍ପାନୁଷ୍ଠାନ-ଶିକ୍ଷାନୁଷ୍ଠାନ ସହଯୋଗ ମାଧ୍ୟମରେ କିପରି ଅନ୍ତର୍ନିହିତ ଗବେଷଣା କରାଯାଇପାରିବ ଓ ଅଭିନବ ସମାଧାନ ଉଦ୍‌ଭବ ହେବ, ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁବ ଗବେଷକମାନଙ୍କ ଦ୍ୱାରା ଏକ ପୋଷ୍ଟର୍ ପ୍ରଦର୍ଶନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଶ୍ରେଷ୍ଠତା ପ୍ରତିପାଦନ କରୁଥିବା ଗବେଷକମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରୁଣ କୁମାର ସାହୁ, ଦୀପକ ରାଉତ, ସାର୍ଥକ ପାଢ଼ୀଙ୍କ ସଫଳ ପରିଚାଳନା ପାଇଁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସାଧୁବାଦ ଦିଆଯାଇଥିଲା। ପ୍ରଫେସର୍ ଲିପିକା ଦାସ, ପ୍ରଫେସର ଭାରତୀ ମିଶ୍ର, ଏକାଡେମିକ୍ ଡିନ୍ ପ୍ରଫେସର୍ ରାକେଶ ଚନ୍ଦ୍ର ବଳବନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଫେସର୍ ପ୍ରଦ୍ୟୁତ୍ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସୂଚନାଥାଉ କି, ୨୦୧୪ ମସିହାରେ ଏହି ଦିନରେ ଏହି ଶିକ୍ଷାନୁଷ୍ଠାନ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିବାରୁ ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି।

# କୁଶୁଗାଡ଼ିଆ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ହଂସପାଳ, ୨୦।୧(ସମିସ):** ସ୍ଥାନୀୟ ଗାଦି ଗୋସାଇଁ କୁଶୁଗାଡ଼ିଆ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଠ କମିଟି ପକ୍ଷରୁ କଳସ ଶୋଭାଯାତ୍ରା କରାଯିବା ସହ ଶାଳା ସଂସ୍କାର, ସୂର୍ଯ୍ୟପୂଜା, ମଣ୍ଡପ ପୂଜା, ଅଗ୍ନି ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏଥିରେ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ। ଏହା ୭ଦିନ ଧରି ଧୁମଧାମ୍‌ରେ ଚାଲିବ ଏବଂ ତିନିଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମଠ ପକ୍ଷରୁ ପ୍ରତିଦିନ ଖେଚୁଡ଼ି ଭୋଗ କରାଯାଉଛି। ଗୁରୁବାର ଶେଷଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ମଠ ସଭାପତି ପ୍ରକାଶ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏହି ମହାଯଜ୍ଞ ବହୁ ପୁରାତନ କାଳରୁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଏହି ମଠ ପକ୍ଷରୁ ଆୟୋଜିତ ହେଉଛି। କୁଶୁଗାଡ଼ିଆ ମଠ କମିଟି ପକ୍ଷରୁ ଏହି କାର୍ଯ୍ୟକୁ ସଫଳ ଭାବେ ପରିଚାଳନା କରାଯାଉଛି।

# କିଟ୍ ପ୍ରତିଷ୍ଠାତାଙ୍କ ଜନ୍ମଦିନରେ ରକ୍ତଦାନ

ଭୁବନେଶ୍ୱର, ୨୦।୧(ସମିସ): କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଜନ୍ମଦିନ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ରକ୍ତଦାନ, ଜାତୀୟ ଯୁବ ପ୍ରକଳ୍ପ, ପିପୁଲ୍ସ ଫୋରମ୍, ମାଇଁ ନେଷ୍ଟ ଏବଂ ଓଡ଼ିଶା ପ୍ରାଇଡ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ରାଜଧାନୀ ଡାକ୍ତରଖାନା ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ଓଡ଼ିଶା ପର୍ଯ୍ୟଟନ ବିଭାଗର ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ଯୋଗ, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ, ଅଧ୍ୟାପକ ରଘୁନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଗୁନୁ ଆଚାର୍ଯ୍ୟ, ବିଭୂତିଭୂଷଣ ସାହୁ, ନିଶିକାନ୍ତ ତାରେଣିଆ, ପ୍ରଜକ୍ତା ଦାସ, ସରୋଜ ମାଝୀ, ନୀଳକଣ୍ଠ ଦାସ ଏବଂ ହରପ୍ରସାଦ ମହାପାତ୍ର ଶିବିର ପରିଚାଳନା କରିଥିଲେ।

## ● କୋରାପୁଟ ଜିଲ୍ଲାରେ ଶିଶୁ ପୁଷ୍ଟିକର ଖାଦ୍ୟ ଉତ୍ସ ଖୋଜିବାକୁ ପ୍ରୟାସ

# ଏଫଆଇଡିଆର୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର, ୨୦।୧(ସମିସ):** କୋରାପୁଟ ଜିଲ୍ଲାରେ ଶିଶୁ ପୁଷ୍ଟିକର ଖାଦ୍ୟ ପାଇଁ ଉତ୍ସ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଫୋରମ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ (ଏଫଆଇଡିଆର୍) ପକ୍ଷରୁ ରାଉଣ୍ଡ ଟେବୁଲ୍ ବୈଠକ ଭୁବନେଶ୍ୱର କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ପୁଷ୍ଟିହୀନତାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏବଂ ତାହାର ସମାଧାନ ନିମନ୍ତେ ରଣନୀତି ପ୍ରସ୍ତୁତି ଉଦ୍ଦେଶ୍ୟରେ ଆୟୋଜିତ ଏହି ବୈଠକରେ ପ୍ରମୁଖ ହିତାଧିକାରୀ, ନୀତି ନିର୍ଣ୍ଣୟକାରୀ ଏବଂ ସମ୍ପ୍ରଦାୟକର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଶିଶୁ ପୁଷ୍ଟିକର ଖାଦ୍ୟ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ କମିଟି ଗଠନ, ସଚେତନତା କାର୍ଯ୍ୟକ୍ରମ ଆଦି ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ଯାହା ପିଲାମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲ୍ଲା ଯୋଜନା ମନିଟରିଂ ୟୁନିଟ୍ କୋରାପୁଟ, ସୂର୍ଯ୍ୟକାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଏମ୍‌ଡି ଅଶୋକ କୁମାର ସାରଦା, ୟୁନିସେଫ୍‌ର ଭାଗିଦାରୀ ସମ୍ପର୍କ ଅଧିକାରୀ ଶୁଭ୍ରଜ୍ୟୋତି ଭୌମିକ, ଏଫ୍‌ଆଇଡିଆର୍ ଜାତୀୟ କାର୍ଯ୍ୟକ୍ରମ ମୁଖ୍ୟ କାନନ ପଟ୍ଟନାୟକଙ୍କ ସମେତ ପୁଷ୍ଟିକର ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା କୌଶଳ ତାଲିମ୍ ଶିବିର

**ଧଉଳି, ୨୦।୧(ସମିସ):** କୌଶଲ୍ୟାଗଙ୍ଗ ନିକଟସ୍ଥ ପୂବାଶାସନସ୍ଥିତ ମହାତ୍ମା ଗାନ୍ଧୀ ସ୍ମୃତି ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଗୁରୁବାର ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉଭୟ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ବିଭାଗର ଛାତ୍ରୀମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନ ଶିବିରରେ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିଲେ। ଏହି ଶିବିର ୮ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ତାଲିମ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ଡଃ ସ୍ୱର୍ଣ୍ଣପ୍ରଭା ସାମଲ ଓ ଲିପିକା ଖଟାଇ ବିଭିନ୍ନ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ମାନସିକ ଓ ଶାରୀରିକ ହିଂସାକୁ କିଭଳି ଭାବେ ମୁକାବିଲା କରିପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଶିବିରରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।

# 'ମୋ ନିଶ୍ୱାସଟା ଚାଲେ ଏଠି' ରିଲିଜ୍



**ଭୁବନେଶ୍ୱର, ୨୦।୧(ସମିସ):** ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଦୀପାଞ୍ଜଳି ମ୍ୟୁଜିକ୍ ପକ୍ଷରୁ ରିଲିଜ୍ ହୋଇଛି ଶ୍ରୀଜଗନ୍ନାଥଙ୍କ ଭଜନ 'ମୋ ନିଃଶ୍ୱାସଟା ଚାଲେ ଏଠି ତୋ ଇସାରା ରେ'। ଏହି ଭଜନଟିର ରିଲିଜ୍ ସମୟରେ ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ମନ୍ଦିରର ମୁଖ୍ୟ ସେବାୟତ ଟୁଟୁ ନନା, ପ୍ରଯୋଜକ ପ୍ରଣୟ ଜେଠୀ, ବୁଲନ୍ ଭାଇ, ଗୀତର ପ୍ରଯୋଜକ ରୋଟାରୀୟାନ୍ ଡ. ପ୍ରସନ୍ନ ଚୌଧୁରୀ, ନିର୍ଦ୍ଦେଶକ ବାବୁ ବାବୁଙ୍କ ସମେତ ଗୀତରେ ଅଭିନୟ କରିଥିବା ଦିବ୍ୟ, ଦୀପାଞ୍ଜଳି, ଅକ୍ଷୀ ମାଉସୀ, ସୋନାଲି, ଓମ୍, ଜୟ ଓ ସିକନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜୟଦେବ ମିଶ୍ର କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଟିକୁ ରଚନା କରିଛନ୍ତି ଜିତେନ୍ଦ୍ର ଜେନା। ତେବେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକର୍ପିତ ହୋଇଥିବା ବେଳେ ଭଜନଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଲାଗିବ ବୋଲି ପ୍ରଯୋଜକ ଆଶାବ୍ୟକ୍ତ କରିଛନ୍ତି।




ଏକ୍ରାମ କାନନ ଫୁଲ ବଗିଚା (ଫଟୋ-ବୁଲୁ)

# ବିଜେଡି ପକ୍ଷରୁ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ

**ଭୁବନେଶ୍ୱର, ୨୦।୧(ସମିସ):** ଭୁବନେଶ୍ୱର ଚାଖି ଖୁଣ୍ଟିଆ ଥିଲେ ଜଣେ ଦେଶ ଭକ୍ତ, ଜଗନ୍ନାଥଙ୍କର ପରମ ଭକ୍ତ ଓ ସାରସ୍ୱତ ସାଧକ। ଫିରିଙ୍ଗି ଶାସନ ବିରୁଦ୍ଧରେ ତାଙ୍କର ଜୀବନ ବ୍ୟାପି ସଂଗ୍ରାମ ଇତିହାସର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିଯାଇଛି ବୋଲି ଶନିବାର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବାହ୍ଣରେ କଳ୍ପନା ଛକଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବରପୁତ୍ରଙ୍କର ୧୯୭ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଅଛି। ସର୍ବପ୍ରଥମେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ବରିଷ୍ଠ ସଦସ୍ୟ ଡକ୍ଟର ମିହିର ରଞ୍ଜନ ପଟ୍ଟନାୟକ, ପ୍ରଧାପକ ରଙ୍ଗାଧର ସାହୁ, କାମଦେବ ମହାପାତ୍ର, ଜ୍ୟୋତି ରଞ୍ଜନ ରାଉତ, ବନଜା ବେହେରା, ସଞ୍ଜୟ ପରିଡ଼ା, ଅକ୍ଷୟ ଜେଠୀ, ବିଜୟ ସାହୁ, ଲିପକ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।




# ବିପ୍ଳବୀ ଚନ୍ଦନ ହଜୁରୀ ଓ ଚକରା ବିଷୋୟୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୦।୧(ସମିସ):** ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ କଳ୍ପନା ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ବିପ୍ଳବୀ ଚନ୍ଦନ ହଜୁରୀ ଓ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଜୟଦେବ ଭବନ ପରିସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିପ୍ଳବୀମାନଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦ, ଗଞ୍ଜାମ ଆନୁକୂଲ୍ୟରେ ଭଞ୍ଜନଗର ଠାରେ ଚକରା ବିଷୋୟୀଙ୍କ ୨୦୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବିଭାଗର ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସୁଶ୍ରୀ ସଙ୍ଗୀତା ମହାରଣା, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ସମ୍ପାଦକ ପ୍ରଭାତ ରଥ, ସଂଯୁକ୍ତା ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାହୁ, ପ୍ରଦ୍ୟୁମ୍ନ ଶତପଥୀ, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଛାତ୍ର ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ● ଲକ୍ଷ୍ମୀବାଈଙ୍କ ଆଧ୍ୟାତ୍ମିକ ଗୁରୁ ଥିଲେ ଚାଖି ଖୁଣ୍ଟିଆ

ସିପାହୀ ବିଦ୍ରୋହର ଅନ୍ୟତମ କୁଶଳୀ ସେନାପତି ତଥା ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଆଧ୍ୟାତ୍ମିକ ତଥା ସାମରିକ ଗୁରୁ ଥିଲେ ଚାଖି ଖୁଣ୍ଟିଆ। ତାଙ୍କ ବୀରତ୍ୱ ଗାଥା ସର୍ବଜନବିଦିତ, ଚିରସ୍ମରଣୀୟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୧୯୭ତମ ଜୟନ୍ତୀ ଅବସରରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶନିବାର ପ୍ରତ୍ୟୁଷରେ କଳ୍ପନା ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲାବେଳେ ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଞ୍ଜୟ କୁମାର ପରିଡ଼ା, ଡ. ମିହିର ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



